# Akashvani, Sambalpur

## SAMBALPURI NEWS EVENING BULLETIN

**10 July 2024- 7.02 pm- 7.12 pm.**

*******************************************

୧- ରାଜ୍ୟର୍ ଶ୍ରମିକ୍‌ମାନ୍‌କର୍ ସର୍ବନିମ୍ନ ମଜୁରୀକେ ବଢ଼ାଲେ ରାଜ୍ୟ ସର୍‌କାର୍ ।

- କନିଷ୍ଠ ଶିକ୍ଷକ୍ ନିଯୁକ୍ତି ଲାଗି ଚୟନ ତାଲିକା ବାହାର୍ କର୍‌ବାର୍‌କେ କେବିନେଟ୍‌ଥି ନିଆଗଲା ନିଷ୍ପତି ।

୨- ରାଜ୍ୟର୍ ୨୬ ଟା ପ୍ରକଳ୍ପକେ ମଞ୍ଜୁରୀ ଦେଲା ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ।

- ସୁନ୍ଦର୍‌ଗଡ୍ ନ ଷ୍ଟିଲ୍ ପ୍ଲାଂଟ୍, ସମ୍ବଲପୁର୍ ରେଙ୍ଗାଲି ନ ପାଇପ୍ ଉତ୍ପାଦନ୍ ପ୍ରକଳ୍ପକେ ମିଲ୍‌ଲା ଅନୁମୋଦନ୍ ।

୩- ରତ୍ନଭଣ୍ଡାର୍ ଖୁଲ୍‌ବାର୍ ଲାଗି ତିଆର୍ ହେଇଥିବା ମାର୍ଗଦର୍ଶିକାକେ ଅନୁମୋଦନ୍ ଲାଗି ପଠାଗଲା ରାଜ୍ୟ ସର୍‌କାର୍‌ଙ୍କର୍ ପାଖ୍‌କେ ।

ଆଉର୍

୪- ଇ ବଛର୍ ମେଟ୍ରିକ୍ ପାସ୍ କରିଥିବା ୯୦ ପ୍ରତିଶତ୍ ଛାତ୍ରଛାତ୍ରୀଙ୍କୁ ଦିଆଯାଇଛେ ସାର୍ଟିଫିକେଟ୍ ।

କେବିନେଟ୍ ବୈଠକ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍‌ର ୨ ନମ୍ବର୍ ବୈଠକ୍ ଲୋକ୍‌ସେବା ଭବନ୍ ନ ଆଏଜ୍ ହେଇଯାଇଛେ । ଇ ବୈଠକ୍‌ଥି ୫ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ । କୃଷି ଆଉ କୃଷକ୍‌ର ସବୁପ୍ରକାର୍ ଉନ୍ନତି, ଶ୍ରମିକ୍‌ମାନ୍‌କର୍ ଜୀବନ୍ ଜୀବିକାର୍ ଉନ୍ନତି, ଓଡ଼ିଆ ଅସ୍ମିତାର୍ ସୁରକ୍ଷା ଆର୍ ପ୍ରସାର୍, ଆଉ ମୌଳିକ ଶିକ୍ଷାର ଗୁଣାତ୍ମକ ମାନର ବିକାଶ୍ ଲାଗି ବଡ଼ ନିଷ୍ପତି ନିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ କହିଛନ୍ ଯେ, ଆଘୋନୁ ଅଣକୁଶଳୀ ଶ୍ରମିକ୍ ମାନ୍‌କର୍ ସବୁଠାନୁ କମ୍ ମଜୁରୀ ୩ ଶହ ୫୨ ଟଙ୍କା ଥିବାର୍ ବେଲେ ଇଟାକେ ୪ ଶହ ୫୦ ଟଙ୍କାକେ ରାଜ୍ୟ ସର୍‌କାର୍ ବଢ଼େଇଛନ୍ । ସେନ୍ତା ଅର୍ଦ୍ଧକୁଶଳୀମାନ୍‌କର୍ ମଜୁରୀ ୩ ଶହ ୯୨ ନୁ ୫ ଶହ ଟଙ୍କା, କୁଶଳୀମାନ୍‌କର୍ ୪ ଶହ ୪୨ ଟଙ୍କାନୁ ୫ ଶହ ୫୦ ଆର୍ ଉଚ୍ଚକୁଶଳୀଙ୍କର୍ ମଜୁରୀ ୫ ଶହ ୨ ଟଙ୍କାନୁ ଏଛେନ୍ ୬ ଶହ ଟଙ୍କାକେ ବଢ଼ାଯାଇଛେ । ସେନ୍ତା ଓଡ଼ିଆ ଅସ୍ମିତା ଲାଗି ୨ ଶହ କୋଟି ଟଙ୍କା କର୍ପସ୍ ପାଣ୍ଠି ଗଠନ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ ।  ଓଡ଼ିଆ ଅସ୍ମିତା ଭବନ୍ ତିଆର୍, ଓଡ଼ିଆ ଅନୁବାଦ୍ ଏକାଡେମୀ ଥାପ୍‌ନା, ତାଲ୍‌ପତ୍ର ପୋଥି ସଂଗ୍ରହାଳୟ ପ୍ରତିଷ୍ଠା, ପାଇକବିଦ୍ରୋହ ସ୍ମାରକୀର ଉନ୍ନତିକରଣ୍ ଆର୍ ଭିନ୍

ଭିନ୍ ବିଶ୍ୱବିଦ୍ୟାଲୟ ନ ଓଡ଼ିଆ ଚେୟାର୍ ଇ ପାଣ୍ଣିନୁ ଥାପ୍ନା ହେବା ।

ସେନ୍ତା ବାଲିଯାତ୍ରାକେ ଆନ୍ତର୍ଜାତୀୟ ଉତ୍ସବ୍‌ର ମାନ୍ୟତା ଦେବାର୍ ଲାଗି ଚେଷ୍ଟା କରାଯିବା ବଲି ଶ୍ରୀ ମାଝୀ କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, କନିଷ୍ଠ ଶିକ୍ଷକ୍‌ମାନ୍‌କର୍ ନିଯୁକ୍ତି ପ୍ରକ୍ରିୟାକେ ତୁର୍‌ତି କରାଯିବା । ଓଡ଼ିଶା ବିଦ୍ୟାଲୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ତର୍‌ଫୁ ୧୮ ହଜାର୍ ୭ ଶହ ୮୮ ଝନ୍ ପ୍ରାର୍ଥୀଙ୍କର୍ ଚୟନ ତାଲିକା ବାହାର୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ । ନିଯୁକ୍ତି ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ଲାଗି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଜ୍ୟ ନ ନାଇଁ ଚାଲୁଥିବା ୨ ହଜାର୍ ୬୫ ଟା ଉଠାଜଲ୍‌ସେଚନ୍ ପ୍ରକଳ୍ପକେ ଚାଲୁ କରାଯିବାର୍ ଲାଗି ନିଷ୍ପତି ନିଆଯାଇଛେ । ଇ କାର୍ଯ୍ୟକ୍ରମ୍ ଲାଗି ଆଏବା ୫ ବଛର୍ ଭିତ୍‌ରେ ରାଜ୍ୟ ସର୍‌କାର୍ ୧ ହଜାର୍ ୮୪ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କର୍‌ବେ ।

ସେନ୍ତା ରାଜ୍ୟର୍ ସବୁ ଯୋଗ୍ୟ ଚାଷୀ ପରିବାର୍‌କେ ପିଏମ୍ କିଷାନ୍ ଯୋଜ୍‌ନାଥି ସାମିଲ୍ କରାଯିବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ମାର୍ଗଦର୍ଶିକାକେ ଅନୁସରଣ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଋଷର ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାର ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଋଷିଆର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ୍ 'ଦ ଅର୍ଡର୍ ଅଫ୍ ସେଂଟ୍ ଆଣ୍ଡ୍ରିୟୁ ଦ ଅପୋଷ୍ଟଲ୍' ପାଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ଅଭିନନ୍ଦନ୍ ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ଶ୍ରୀ ମାଝୀ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀଙ୍କର୍ ବଳିଷ୍ଠ ନେତୃତ୍ୱକେ ଏନ୍ତା ଆନ୍ତର୍ଜାତିକ ସମ୍ମାନ୍ ମିଳିଥିବାର୍‌ନୁ ସାରା ଭାରତ୍ ବର୍ଷର୍ ଲାଗି ଗୌରବ୍ ଆନିଦେଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଋଷିଆର୍ କ୍ରେମ୍‌ଲିନ୍‌ର ସେଂଟ୍ ଆଣ୍ଡ୍ରିୟୁ ହଲ୍ ନ ହେଇଥିବା ଗୁଟେ ଖାସ୍ ସମାରୋହଥି ଋଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ - ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଇ ପୁରସ୍କାର୍ ଦେଇଥିଲେ । ଇ ପୁରସ୍କାର୍ ପାଏବାର୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ହେଉଛନ୍ ପହେଲା ଭାରତୀୟ ନେତା ।

ପରିଚାଳନା କମିଟି ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ବୈଠକ୍ ଆଏଜ୍ ପୁରୀ ନ ହେଇଯାଇଛେ । ଇଥି ରତ୍ନଭଣ୍ଡାର୍ ଯାଂଚ୍ ବାବ୍‌ଦେ ଜଷ୍ଟିସ୍

ବିଶ୍ୱନାଥ ରଥ କମିଟି ଦେଇଥିବା ମାର୍ଗଦର୍ଶିକା ଉପ୍ରେ ଆଲୋଚନା ହେଇଥିବାର୍ ବେଲେ ଆଉ କିଛି ନୂଆଁ ମାର୍ଗଦର୍ଶିକା ଜୁଡ଼ାଯାଇଛେ । କମିଟି ନ ଆଲୋଚନା ଉତାରୁ ଇଟାକେ ଅନୁମୋଦନ୍ ଲାଗି ରାଜ୍ୟ ସର୍କାର୍ଙ୍କର୍ ପାଖ୍କେ ପଠାଯାଇଛେ । ଆଏବା ୧୪ ତାରିଖ୍ ରତ୍ନଭଣ୍ଡାର୍ ଖୁଲାଯିବାର୍ ନେଇକରି ଜଷ୍ଟିସ୍ ରଥଙ୍କର୍ କମିଟି ଥିର୍ କରିଥିବାର୍ ବେଲେ ଇ ବାବ୍ଦେ ସର୍କାରୀ ନିର୍ଦ୍ଦେଶ୍ର ଆବଶ୍ୟକତା ରହିଥିବାର୍ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ବୀର ବିକ୍ରମ୍ ଯାଦବ୍ କହିଛନ୍ ।

ବନକଲାଗି ନୀତି ଆର୍ଏନ୍ୟୁ / ସମ୍ବଲପୁର

ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଚତୁର୍ଦ୍ଧାମୂର୍ତ୍ତି ବିଜେ ହେବାର୍ ଉତ୍ରୁ ଆଏଜ୍ ମହାପ୍ରଭୁଙ୍କର୍ ବନକଲାଗି ନୀତି ଚାଲିଛେ । ଦତମହାପାତ୍ର ସେବକ୍ମାନେ ମାହାପୁରୁଙ୍କର୍ ଶ୍ରୀମୁଖର ଶୃଙ୍ଗାର କରୁଛନ୍ । ଇଥିର୍ଲାଗି ସନ୍ଧ୍ୟାଧୂପ ଉତ୍ରୁ ମହାପ୍ରଭୁଙ୍କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ । ଡେରିରାତି ତକ୍ ଇ ନୀତି ଚାଲ୍ବା ବଲି ଶ୍ରୀଜଗନ୍ନାଥମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ମିଲିଛେ ।

ସାର୍ଟିଫିକେଟ୍ ବଂଟନ୍ ଆର୍ଏନ୍ୟୁ/ କଟକ୍

ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତରଫ୍ରୁ ରାଜ୍ୟର୍ ୮ ହଜାର୍ ୯ ଶହ ୭୭ ଟା ହାଇସ୍କୁଲ୍‌ର ଛାତ୍ରଛାତ୍ରୀମାନ୍‌କୁ ମେଟ୍ରିକ୍ ସାର୍ଟିଫିକେଟ୍ ବଂଟାଯାଇଛେ । ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ୯୦ ପ୍ରତିଶତ୍ ନୁ ଅଏତ୍‌କା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ଦିଆଯାଇଛେ । ବାକି ୧୦ ପ୍ରତିଶତ୍ ସାର୍ଟିଫିକେଟ୍ ଆଏଜ୍ ବଂଟାଯାଇଛେ । ଇତାର୍‌ସହେତେ ମଧ୍ୟମା, ରାଜ୍ୟମୁକ୍ତ ବିଦ୍ୟାଲୟ ସାର୍ଟିଫିକେଟ୍ ଭିଲ୍ ବଂଟାଯାଉଛେ । ମେଟ୍ରିକ୍ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ଯେନ୍ତା ମେଟ୍ରିକ୍ ସାର୍ଟିଫିକେଟ୍ ପାଏବାର୍‌ଥି ଅସୁବିଧା ନାଇଁ ହୁଏ ସେଥିର୍‌ଲାଗି ପରିଷଦ୍ ତରଫ୍ରୁ ଗୁଟେ ଦିନେ ସାର୍ଟିଫିକେଟ୍ ବାଂଟ୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା ।

ଭିସୁଟ୍- ଏନ୍‌ବିଏ ସମ୍ବଲପୁର ସମ୍ବାଦଦାତା

ନେସନାଲ୍ ବୋର୍ଡ଼ ଅଫ ଆକ୍ରିଡେସନ୍ ଟିମ୍-ଏନ୍‌ବିଏ- ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟକେ ୨୬ ତାରିଖ୍ ଦିନ ଆସିକରି ବିଶ୍ୱବିଦ୍ୟାଲୟର୍ ଅଧିସ୍ୱିକୃତୀ ସମୀକ୍ଷା କର୍‌ବା । ଏନ୍‌ବିଏର ଟିମ୍ କ୍ଲାସ୍‌ରୁମ୍, ଲାଇବ୍ରେରୀ, ଲାବ୍ରୋଟୋରୀ, ଅଧ୍ୟାପକ, ଛାତ୍ରଛାତ୍ରୀ ଅନୁପାତ ପର୍‌ଖିବା । ଭିସୁଟ୍‌କେ ନାକ୍ ଟିମ୍ ଭିଲ୍ ଆସ୍‌ବାର୍

କାର୍ଯ୍ୟକ୍ରମ୍ ରହିଛେ ବଲି କୁଳପତି ପ୍ରଫେସର୍ ବଂଶୀଧର୍ ମାଝୀ କହିଛନ୍ ।

ମହରମ୍ ଲାଗି ଶାନ୍ତି କମିଟି ବୈଠକ୍      ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମହରମ୍ ଲାଗି ଆଏଜ୍ ଶାନ୍ତି କମିଟିର୍ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଶାନ୍ତିପୂର୍ଣ୍ଣ ଭାବେ ମହରମ୍ ଶୋଭାଯାତ୍ରା କର୍‌ବାର୍ ଲାଗି ମହରମ୍ କମିଟିକେ ନିର୍ଦ୍ଦେଶ୍ ଦିଆଯାଇଛେ । ମହରମ୍ ସମିଆଥି ନାଲନର୍ଦ୍ଦମା ସଫେଇ, ସଫା ପିଇବାର୍ ପାଏନ୍ ଯୁଗାବାର୍, ଅଠିପହର୍ ବିଜ୍‌ଲି ଯୁଗାବାର୍ ଲାଗି ବୈଠକ୍‌ଥି ପରାମର୍ଶ ଦିଆଯାଇଥିଲା । ଇ ବୈଠକ୍‌ଥି ସହରର୍ ୮ ଟା ମହରମ୍ କମିଟିର୍ ପ୍ରତିନିଧି ମାନେ ଯୋଗ୍ ଦେଇଥିଲେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ କହିଛନ୍...

(ଭଏସ୍ ଓଭର୍-୧- ଜିଲ୍ଲାପାଲ୍)

ନୂଆପଡ଼ା-ଶିଶୁ ଶ୍ରମିକ ଉଚ୍ଛେଦ କର୍ମଶାଳା

ଆର୍‌ଏନ୍‌ୟୁ/ କଟକ୍

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ନଗର୍ କଲ୍ୟାଣ୍ ମଣ୍ଡପ୍ ନ ଶିଶୁ ଶ୍ରମିକ ଉଚ୍ଛେଦ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଖଡ଼ିଆଲ୍ ସମନ୍ୱିତ ଶିଶୁ ଆଉ ମହିଳା ବିକାଶ୍ ଅଧିକାରୀ ମୀନା ଗୁପ୍ତାଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇକରି ଶିଶୁଶ୍ରମିକ ଉଚ୍ଛେଦ ହେବାର୍ ସୁନିଶ୍ଚିତ ବଲି ମତ ଦେଇଥିଲେ । ଶିଶୁ ଶ୍ରମିକ ଉଚେଦ୍ କର୍‌ବାର୍ ଲାଗି ୧୧୨ କି ୧୦୯୮ ଟୋଲ୍‌ଫ୍ରି ନମ୍ବର୍‌ଥି ଟେଲିଫୋନ୍ କରିକରି ଅଭିଯୋଗ୍ କରିପାର୍‌ବେ ।

ବୌଦ୍ଧ ବିଧାୟକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଗୁରୁଜିମୁଣ୍ଡା ଜଲ୍‌ସେଚନ୍ ପ୍ରକଳ୍ପ ତିଆରି ଲାଗି ରାଜ୍ୟ ସର୍‌କାର୍ ଜଲ୍‌ଦି ପଦକ୍ଷେପ୍ ନେବେ ବଲି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ କହିଛନ୍ । ବିଧାୟକ୍ ଶ୍ରୀ ପ୍ରଧାନ୍ ବୌଦ୍ଧ ଜଲ୍‌ସେଚନ୍ ବିଭାଗ୍‌ର ନିର୍ବାହୀ ଯନ୍ତ୍ରୀ ଆର୍ କର୍ମଚାରୀମାନ୍‌କର୍ ସାଙ୍ଗେ ଗମ୍ଭୀରା ଦର୍‌ହ ଜଲ୍‌ସେଚନ୍ ପ୍ରକଳ୍ପ ପରିଦର୍ଶନ୍ ସମିଆଥି କହିଛନ୍ ଯେ, ଆଏବା ଦିନେ ଇଥିର୍‌ଲାଗି ପଦକ୍ଷେପ୍ ନିଆଯିବା ।

ଜିଜ୍ଞାସା ପ୍ରଶିକ୍ଷଣ୍ ଶିବିର୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ର ବୀରନରସିଂହପୁର୍ର ସାଧୁଚରଣ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାନେ ବ୍ଲକ୍ସ୍ତରୀୟ ୩ ଦିନିଆ ଜିଜ୍ଞାସା ପ୍ରଶିକ୍ଷଣ୍ ଶିବିର୍ ଉଦ୍ଘାଟିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଉଦ୍ଘାଟନ୍ କରିଥିଲେ । ଶିବିର୍ଥି ବ୍ଲକ୍ର ଭିନ୍ ଭିନ୍ ସର୍କାରୀ ଉଚ୍ଚବିଦ୍ୟାଳୟର ବିଜ୍ଞାନ୍ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍କୁ ତାଲିମ୍ ଦିଆଯାଉଛେ ।

ଅନ୍ତରାଷ୍ଟ୍ରୀୟ ଯୋଗଦିବସ୍ ଗଣମାଧ୍ୟମ୍ ସମ୍ମାନ

ଆର୍ଏନ୍ୟୁ/ କଟକ୍

ଅନ୍ତର୍ଜାତୀୟ ଯୋଗ ଦିବସ୍ ୨୦୨୪ ର ପ୍ରଚାର୍ ପ୍ରସାର୍ଥି ଗଣମାଧ୍ୟମ୍ର ସକାରାତ୍ମକ ଭୂମିକା ଆର୍ ଦାୟିତ୍ୱକେ ନଜର୍ଥି ରଖିକରି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ୩ ନମ୍ବର୍ ଅନ୍ତରାଷ୍ଟ୍ରୀୟ ଯୋଗଦିବସ୍ ଗଣମାଧ୍ୟମ୍ ସମ୍ମାନ୍-୨୦୨୪ ଲାଗି  ଆବେଦନ୍ ଦାଖଲ୍ର ଶେଷ୍ ତାରିଖ୍କେ ଇ ମାସର୍ ୧୫ ତାରିଖ୍ତକ୍ ବଢ଼େଇଛନ୍ । ଗଣମାଧ୍ୟମ୍ ସଂସ୍ଥାମାନ୍ ଇ ସମ୍ମାନ୍ ଲାଗି ସେମାନ୍କର୍ ଆବେଦନ୍ ଆଉ ବିଷୟବସ୍ତୁ ଇ ମାସର୍ ୧୫ ତାରିଖ୍ତକ୍ aydms.2024.mib@gmail.com କେ ପଠେଇପାର୍ବେ । ଇଥି ଭାଗ୍ ନେବାର୍ ଲାଗି ବିସ୍ତୃତ

ମାର୍ଗଦର୍ଶିକା ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟ ଆଉ ପତ୍ରସୂଚନା କାର୍ଯ୍ୟାଲୟ ୱେବ୍ସାଇଟ୍ଥି ମିଲୁଛେ ।